କାବ୍ୟକୃତି - ପୁନଶ୍ଚ

ଦୀପଟିଏ ଜ୍ୱାଳ

କବି ରଘୁନାଥ ଦାସ

ଅସ୍ତମିତ ସୁର୍ଯ୍ୟ ଏବେ;

ତମିସ୍ରିତ ବହଳ ପରଦା ଆବୋରିଛି ପୃଥ୍‌ବୀକୁ

ଘୋଟିଯାଏ ନିସ୍ପନ୍ଦ ଜଡତା ଦିଗନ୍ତୁ ଦିଗନ୍ତ

ହେ ସଂଯମି, ଆହେ ପ୍ରାଣବନ୍ତ,

ଅନ୍ଧର ଏକ ଛତ୍ର ଆଧ୍‌ପତ୍ୟ କରି ଅସ୍ୱୀକାର

ଦୀପଟିଏ ଜ୍ୱାଳ ॥

ଭଗ୍ନଦୁର୍ଗ ବାର୍ତ୍ତା କହେ;

ବିପର୍ଯ୍ୟସ୍ତ ଆମର ସେନାନୀ ଦିଏ ଛତ୍ରଭଙ୍ଗ ।

ଗ୍ଲାନି ଜର୍ଜରିତ ତ୍ରସ୍ତ ରାଜଧାନୀ ଶଙ୍କାକୁଳ ପ୍ରାଣେ

ଭରିଦିଏ ଧୈର୍ଯ୍ୟ ବଳ ଅଭୟ ପ୍ରଦାନେ ।

ପ୍ରିୟଜନ ବିରହରେ ଶୋକାତୁର ମ୍ରିୟମାଣ ପ୍ରାଣେ

ସ୍ମୃତିରିକ୍ତ ଅଷାଢ଼ର ଆଦ୍ୟମେଘ ଅଭିଶାପ ହାଣେ

ଦୁଃସହ ଦୁର୍ବହ ।

ହେ ବିରହ, କରି ବାର୍ତ୍ତାବହ ବାରିଦରେ

ମିଳନ-ପୁଳକ ଛନ୍ଦା ଅଶ୍ରୁଭରା ତୁମ ପ୍ରତୀକ୍ଷାର

ଦୀପଟିଏ ଜ୍ୱାଳ ॥

ଅଚେତନ ଜଡ ପ୍ରାୟ ପ୍ରାଣପିୟ ହେଲା ଧରାଶାୟୀ

www.jatayu.org

କାବ୍ୟକୃତି - ପୁନଶ୍ଚ

ଦୀପଟିଏ ଜ୍ୱାଳ

କବି ରଘୁନାଥ ଦାସ

କାଳର କରାଳ ହସ୍ତେ;

ମୃତ୍ୟୁ ତାର ଆତ୍ମାରୁ ଛଡାଇ ନେଉଛି ଘଟରୁ

ହେ ସାବିତ୍ରୀ, ମୃତ୍ୟୁର କବଳୁ ତୁମେ ତାକୁ

କରିବାକୁ ସତ୍ୟବଳେ ଜୀବନ୍ତ ଉଦ୍ଧାର

ଦୀପଟିଏ ଜ୍ୱାଳ ॥

ହତଜ୍ଞାନ ଆପଣାକୁ କେନ୍ଦ୍ର କରି ଗର୍ଜେ ଅହମିକା;

ବିସ୍ମରିଛି ସୃଷ୍ଟିକ୍ରିୟା ଅନାଦିରୁ ଅନନ୍ତ ଭୂମିକା

ଆସକ୍ତ ବିଷୟେ ।

ଦିବ୍ୟଦୃଷ୍ଟି ଜ୍ଞାନ ବନ୍ତ ଆହେ,

ସ୍ଥୁଳର ପରଳ ଭେଦି ଅନ୍ତରେ ତା' ଆତ୍ମଚେତନାର

ଦୀପଟିଏ ଜ୍ୱାଳ ॥

www.jatayu.org